# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**27th June - 2024**

**News Editor : *Itishree Singh Rathuar***

*********************************

## ମୁଖ୍ୟ ସମ୍ବାଦ

- ଭାରତକୁ ବିକଶିତ କରିବାର କାର୍ଯ୍ୟ ନିରବଚ୍ଛିନ୍ନ ଭାବେ ଜାରି ରହିବା ଉଚିତ; ସଂସଦର ମିଳିତ ଅଧିବେଶନକୁ ସମ୍ବୋଧିତ କରି କହିଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।

- ନୂଆଦିଲ୍ଲୀରେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ସହ ସାକ୍ଷାତ୍ କଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

- ପୁରୀ ଶ୍ରୀମନ୍ଦିରରେ ଅଣସର ଘରେ ଶ୍ରୀଜିଉଙ୍କ ଜ୍ୱର ଉପଶମ ପାଇଁ ଆଜି ଲାଗି ହେବ ଫୁଲୁରୀ ତେଲ ।

ଏବଂ

- ଘୂର୍ଣ୍ଣିବଳୟ ପ୍ରଭାବରେ ରାଜ୍ୟରେ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ବର୍ଷା ସମ୍ଭାବନା; ଅତିପ୍ରବଳ ବର୍ଷା ହେବାନେଇ ୪ଟି ଜିଲ୍ଲାକୁ ସତର୍କ ସୂଚନା ।

# ରାଷ୍ଟ୍ରପତି - ସଂସଦ ଅଭିଭାଷଣ

ଭାରତକୁ ବିକଶିତ କରିବାର କାର୍ଯ୍ୟ ନିରବଚ୍ଛିନ୍ନ ଭାବରେ ଜାରି ରହିବା ଉଚିତ । ଦେଶ ଏହାର ଲକ୍ଷ୍ୟ ହାସଲ କରିବା ଦିଗରେ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି । ଆଜି ସଂସଦର ମିଳିତ ଅଧିବେଶନକୁ ସମ୍ବୋଧିତ କରି ରାଷ୍ଟ୍ରପତି କହିଛନ୍ତି, ୬ ଦଶନ୍ଧି ପରେ ଦେଶରେ ପୂର୍ଣ୍ଣ ସଂଖ୍ୟା ଗରିଷ୍ଠତା ସମ୍ପନ୍ନ ସ୍ଥିର ସରକାର ଗଠିତ ହୋଇଛି । ସଂସଦର ଆଗାମୀ ଅଧିବେଶନରେ ନୂଆ ସରକାର ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିବେ । ସେହି ବଜେଟ୍ ଦୀର୍ଘକାଳୀନ ନୀତି ଏବଂ ଭବିଷ୍ୟତର ଲକ୍ଷ୍ୟପୂରଣ ଦିଗରେ ଅତ୍ୟନ୍ତ ପ୍ରଭାବୀ ହେବ ଏବଂ ବିକାଶର ଗତିବୃଦ୍ଧି ପାଇବ ବୋଲି ରାଷ୍ଟ୍ରପତି କହିଛନ୍ତି ।

ଶ୍ରୀମତୀ ମୁର୍ମୁ ଦେଶର ଅର୍ଥ ବ୍ୟବସ୍ଥା ସମ୍ପର୍କରେ କହିଛନ୍ତି, ଗତ ଦଶ ବର୍ଷରେ ଭାରତ ଏକାଦଶ ସ୍ଥାନରୁ ପଞ୍ଚମ ବୃହତ୍ ଅର୍ଥବ୍ୟବସ୍ଥାରେ ପରିଣତ ହୋଇଛି । ବିଶ୍ୱର ବିଭିନ୍ନ ସ୍ଥାନରେ ମହାମାରୀ, ହିଂସା ଓ ସଂଘର୍ଷ ମଧ୍ୟରେ ଏହି ସ୍ଥାନ ହାସଲ କରିବାରେ ଦେଶ ସଫଳତା ପାଇଛି । ସେ କହିଛନ୍ତି, ବର୍ତ୍ତମାନର ସରକାର ଭାରତକୁ ବିଶ୍ୱର ତୃତୀୟ ବୃହତ୍ ଅର୍ଥବ୍ୟବସ୍ଥାରେ ପରିଣତ କରିବା ଲାଗି ପ୍ରୟାସ ଜାରି ରଖିଛନ୍ତି ।

ରାଷ୍ଟ୍ରପତି କହିଛନ୍ତି, ନିବେଶକଙ୍କୁ ଅଧିକ ଆକୃଷ୍ଟ କରିବାକୁ ଏବେ ଦେଶରେ ରିଫର୍ମ, ପରଫର୍ମ ଏବଂ ଟ୍ରାନ୍ସଫର୍ମ ଉପରେ କାମ ଚାଲିଛି । ସରକାର ଲୋକଙ୍କ ପାଖରେ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା

ପହଞ୍ଚାଉଛନ୍ତି । ଗାଁଗୁଡ଼ିକୁ ଯୋଡ଼ିବା ପାଇଁ ପ୍ରଧାନମନ୍ତ୍ରୀ ଗ୍ରାମୀଣ ସଡ଼କ ଯୋଜନାରେ ୩ ଲକ୍ଷ ୮୦ ହଜାର କିଲୋମିଟର ଦୀର୍ଘ ସଡ଼କପଥ ନିର୍ମାଣ କରାଯାଇଛି। ଆଜି ପ୍ରଯୁକ୍ତିବିଦ୍ୟାଠାରୁ ଆରମ୍ଭ କରି ପର୍ଯ୍ୟଟନ, ସ୍ୱାସ୍ଥ୍ୟ ଆଦି କ୍ଷେତ୍ରରେ ଭାରତ ଅଗ୍ରଣୀ ହୋଇପାରିଛି । ସେ କହିଛନ୍ତି, ଚଳିତ ଶତାବ୍ଦୀ ଭାରତର ଶତାବ୍ଦୀ ଅଟେ । ବିକଶିତ ଭାରତ ଗଠନର ସ୍ୱପ୍ନ ପୂରଣ କରିବାକୁ ହେଲେ ସମସ୍ତ ମିଶି ପୂର୍ଣ୍ଣ ନିଷ୍ଠାର ସହ କାର୍ଯ୍ୟ କରିବାପାଇଁ ରାଷ୍ଟ୍ରପତି ଆହ୍ୱାନ ଦେଇଛନ୍ତି ।

ସୂଚନାଯୋଗ୍ୟ, ଗତ ସୋମବାର ଅଷ୍ଟାଦଶ ଲୋକସଭାର ପ୍ରଥମ ଅଧିବେଶନ ଆରମ୍ଭ ହୋଇଥିବା ବେଳେ ଆଜିଠାରୁ ରାଜ୍ୟସଭା ଅଧିବେଶନ ଆରମ୍ଭ ହୋଇଛି।

***Desk***

## ମୁଖ୍ୟମନ୍ତ୍ରୀ - ଦିଲ୍ଲୀ ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ନୂଆଦିଲ୍ଲୀରେ ରାଷ୍ଟ୍ରପତି ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସୌଜନ୍ୟମୂଳକ ସାକ୍ଷାତ୍ କରିଛନ୍ତି । ଏହାସହ ଦୁଇ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ପ୍ରଭାତୀ ପରିଡ଼ା ମଧ୍ୟ ରାଷ୍ଟ୍ରପତିଙ୍କୁ ଭେଟିଛନ୍ତି । ଏହାପରେ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାକ୍ଷାତ କରିଛନ୍ତି । ମୁଖ୍ୟମନ୍ତ୍ରୀ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ମଧ୍ୟ ସାକ୍ଷାତ୍ କରିଥିବା ଜଣାପଡ଼ିଛି ।

ସୂଚନା ଅନୁସାରେ ମୁଖ୍ୟମନ୍ତ୍ରୀ ଗତକାଲିଠାରୁ ତିନିଦିନିଆ ନୂଆଦିଲ୍ଲୀ ଗସ୍ତରେ ଯାଇଛନ୍ତି ।

***IPR***

# ଦକ୍ଷତା ବିକାଶ କାର୍ଯ୍ୟକ୍ରମ

ରାଜ୍ୟରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମକୁ ଶିକ୍ଷାନୁଷ୍ଠାନ, ମହାବିଦ୍ୟାଳୟ ଓ ମିଶନ ଶକ୍ତି ପରିସରଭୁକ୍ତ କରାଯିବା ଉପରେ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଗୁରୁତ୍ୱ ଆରୋପ କରିଛନ୍ତି । ଆଜି ପୂର୍ବାହ୍ନରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ସମ୍ବନ୍ଧରେ ସମୀକ୍ଷା କରିବା ଅବସରରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି, ବିଭିନ୍ନ ଶିକ୍ଷାନୁଷ୍ଠାନ ଓ କମ୍ପାନୀଗୁଡ଼ିକରେ ଓଡ଼ିଆ ଛାତ୍ରଛାତ୍ରୀଙ୍କ ଯୋଗଦାନ ପୂର୍ବରୁ ସେମାନଙ୍କୁ ସୁଦକ୍ଷ କରିବା ଆବଶ୍ୟକ । କମ୍ପାନୀ ଓ ଶିକ୍ଷାନୁଷ୍ଠାନ ବୁଝାମଣାପତ୍ରରେ ରାଜ୍ୟର ଯୁବପିଢ଼ିଙ୍କୁ ସେମାନଙ୍କ ଅନୁଷ୍ଠାନରେ ନିଯୁକ୍ତି ସୁଯୋଗ ପାଇଁ ଚୁକ୍ତିବଦ୍ଧ ହେଉଥିବାବେଳେ ଯୋଗ ପ୍ରାର୍ଥୀମାନେ କୁଶଳୀ ହେବା ନିହାତି ଜରୁରୀ । ସେଥିପାଇଁ ସେହି ପ୍ରାର୍ଥୀମାନଙ୍କୁ ଦକ୍ଷତା ବିକାଶ ପ୍ରଶିକ୍ଷଣ ଦିଆଯିବା ଆବଶ୍ୟକ ବୋଲି ମନ୍ତ୍ରୀ କହିଛନ୍ତି ।

***Desk***

## ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଉନ୍ନୀତ

ରାଜ୍ୟରେ ଥିବା ଅଣାଅଶୀଟି ମାଧ୍ୟମିକ ବିଦ୍ୟାଳୟକୁ ଯୁକ୍ତ ଦୁଇ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଭାବେ ଉନ୍ନୀତ କରାଯାଇଛି।  ଶିକ୍ଷା ମନ୍ତ୍ରଣାଳୟର ପ୍ରକଳ୍ପ ଅନୁମୋଦନ ବୋର୍ଡ଼ର ସୁପାରିସ କ୍ରମେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଚଳିତ ଶିକ୍ଷାବର୍ଷରୁ ଏହା କାର୍ଯ୍ୟକ୍ଷମ ହେବ ବୋଲି ଜଣାପଡ଼ିଛି।

***Puri/R***

## ନଗର ଉନ୍ନୟନ ମନ୍ତ୍ରୀ - ସମୀକ୍ଷା

ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର ଆଜି ପୁରୀ ଗସ୍ତ କରି ଆସନ୍ତା ରଥଯାତ୍ରା ପାଇଁ ବିଭିନ୍ନ ବ୍ୟବସ୍ଥା ସମ୍ପର୍କରେ ସମୀକ୍ଷା କରିଛନ୍ତି । ଏହି ବୈଠକରେ ନଗର ଉନ୍ନୟନ ବିଭାଗର ବିଭିନ୍ନ ଅଧିକାରୀମାନେ ଉପସ୍ଥିତ ଥିଲେ । ରଥଯାତ୍ରା ପୂର୍ବରୁ ସମସ୍ତ ନାଳ ନର୍ଦ୍ଦମା ସଫା କରିବା ସହ ରାସ୍ତାଘାଟ ମରାମତି ଓ ପରିମଳ ସମ୍ପର୍କରେ ଆଲୋଚନା କରାଯାଇଛି ।

*Kalahandi/ Boudh/R*

# ରଥଯାତ୍ରା ସମୀକ୍ଷା ବୈଠକ

କଳାହାଣ୍ଡି ଜିଲ୍ଲା ଭବାନୀପାଟଣାସ୍ଥିତ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ରଥଯାତ୍ରା ଓ ବାହୁଡ଼ାଯାତ୍ରା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଏଥିରେ ଏହି ଯାତ୍ରା ନେଇ ନୀତି ନିର୍ଘଣ୍ଟ ହୋଇଥିଲା । ରଥଯାତ୍ରା ସମୟରେ ଟ୍ରାଫିକ୍ ନିୟନ୍ତ୍ରଣ, ପରିମଳ, ରାସ୍ତା ମରାମତି ଆଦି ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ ।

ସେହିଭଳି ବୌଦ୍ଧ ଜିଲ୍ଲାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ରଥଯାତ୍ରା ପ୍ରସ୍ତୁତି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି ।

*Puri/R*

# ଫୁଲୁରି ତେଲ ଲାଗି

ପୁରୀ ଶ୍ରୀମନ୍ଦିରରେ ଅଣସର ଘରେ ଥିବା ଶ୍ରୀଜିଉଙ୍କ ଜ୍ୱର ଉପଶମ ପାଇଁ ଆଜି ଫୁଲୁରି ତେଲ ଲାଗି କରାଯିବ । ବଡ଼ ଓଡ଼ିଆ ମଠ ପକ୍ଷରୁ ଏହି ତେଲକୁ ଆଜି ସନ୍ଧ୍ୟାରେ ଶ୍ରୀମନ୍ଦିରକୁ ଯୋଗାଇ ଦିଆଯାଇଛି । ଏହାକୁ ପାରମ୍ପରିକ ରୀତିରେ ପ୍ରସ୍ତୁତ କରିବା ଲାଗି ଏକ ବର୍ଷରୁ ଅଧିକ ସମୟ ଲାଗିଥାଏ । ଅଣସରର ପଞ୍ଚମ ଦିନରେ ଏହି ତେଲକୁ ପତି ମହାପାତ୍ର ଓ ଦଇତାପତି

ସେବକମାନେ ଶ୍ରୀଜିଉମାନଙ୍କୁ ମର୍ଦ୍ଦନ କରିଥା'ନ୍ତି । ଏହି ଫୁଲୁରି ତେଲ ଲାଗବ ହେବା ପରେ ମହାପ୍ରଭୁଙ୍କ ଜ୍ୱରଜନିତ ପୀଡ଼ା ଲାଗ ହେବା ସହିତ ସୁସ୍ଥତାର ପ୍ରାକ୍‌ସୂଚନା ମିଳିଥାଏ ବୋଲି ବିଶ୍ୱାସ କରାଯାଏ ।

***Sambalpur/R***

## ସମ୍ବଲପୁର - ଜଣ୍ଡିସ୍

ସମ୍ବଲପୁର ସହରରେ ଜଣ୍ଡିସ୍ ଆକ୍ରାନ୍ତଙ୍କ ସଂଖ୍ୟା ୧୦୩କୁ ବୃଦ୍ଧି ପାଇଛି । ତେବେ ସ୍ଥିତି ନିୟନ୍ତ୍ରଣାଧୀନ ରହିଛି ବୋଲି ଜିଲ୍ଲାପାଳ କହିଛନ୍ତି । ସେ କହିଛନ୍ତି, ସହରରେ ପାନୀୟ ଜଳ ବିଶୋଧନ କରାଯାଉଛି । ଏହାସହ ସର୍ଭେଲାନ୍ସ ଜାରି ରହିଛି । ଆଶା ଓ ଅଙ୍ଗନୱାଡ଼ି କର୍ମୀମାନେ ନିଜ ନିଜ ଅଞ୍ଚଳରେ ଲୋକଙ୍କୁ ସଚେତନ କରୁଛନ୍ତି । ଭିମ୍‌ସାର୍'ର ଡାକ୍ତରୀ ଦଳ ଘର ଘର ବୁଲି ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରୁଥିବା ନେଇ ସୂଚନା ମିଳିଛି ।

***Kendrapara/R***

## ଅଭିଯୋଗ ସମାଧାନ

କେନ୍ଦ୍ରାପଡ଼ା ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଜିଲ୍ଲାର ସମସ୍ତ ତହସିଲ୍, ବ୍ଲକ୍ ଓ ବିଭିନ୍ନ ବିଭାଗକୁ ନିଜ ନିଜର ସାମାଜିକ ଗଣମାଧ୍ୟମରେ ଆକାଉଣ୍ଟ୍ ଖୋଲିବାପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଲୋକଙ୍କ ଅଭିଯୋଗର

ସମାଧାନବେଳେ ସାମାଜିକ ଗଣମାଧ୍ୟମର ସୁବ୍ୟବହାର କରିବାକୁ ସମସ୍ତ ଅଧିକାରୀଙ୍କୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଏହାଫଳରେ ପ୍ରଶାସନର କାର୍ଯ୍ୟରେ ଅଧିକ ସ୍ୱଚ୍ଛତା ଆସିବା ସହ ଲୋକଙ୍କୁ ସରକାରୀ ସେବା ଯୋଗାଇ ଦେବାପାଇଁ ଉତ୍ତରଦାୟିତା ବୃଦ୍ଧିପାଇବ ବୋଲି ଜିଲ୍ଲାପାଳ କହିଛନ୍ତି ।

***Cuttack, Boudh/R***

# ଶିଶୁ ଶ୍ରମିକ

କଟକ ଜିଲ୍ଲାକୁ ଶିଶୁ ଶ୍ରମିକ ମୁକ୍ତ କରିବା ତଥା ଏ ବିଷୟରେ ସଚେତନତା ଲକ୍ଷ୍ୟ ନେଇ ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥର ଶୁଭାରମ୍ଭ କରାଯାଇଛି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଜିଲ୍ଲାପାଳ ଡକ୍ଟର ଦିବ୍ୟଲୋଚନ ମହାନ୍ତ ଏହି ରଥର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଶିଶୁ ଓ କିଶୋର ଶ୍ରମିକ ଆଇନ ସମ୍ପର୍କିତ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସ୍ଥାନରୁ ଶିଶୁ ଶ୍ରମିକମାନଙ୍କୁ ଚିହ୍ନଟ କରିବାପାଇଁ ଜିଲ୍ଲାସ୍ତରୀୟ ଟାସ୍କ ଫୋର୍ସ ଗଠନ ଗଠନ କରାଯିବା ସହ ଶିଶୁମାନଙ୍କୁ ଉପଯୁକ୍ତ ଥଇଥାନପାଇଁ ନିଷ୍ପତ୍ତି କରାଯାଇଛି ।

ସେହିପରି ବୌଦ୍ଧ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ଶିଶୁ ଶ୍ରମିକ ନିରାକରଣ ନେଇ ଏକ ସଚେତନ ରଥ ସହର ପରିକ୍ରମା କରିଛି । ଜିଲ୍ଲାପାଳ ଦିଲୀପ କୁମାର ମହାପାତ୍ର ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି ।

***Desk***

# ବାଘୁଣୀ ମୃତ

ବାରଙ୍ଗସ୍ଥିତ ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଆଜି ଅସୁସ୍ଥ ବାଘୁଣୀ 'ଶାରା'ର ମୃତ୍ୟୁ ଘଟିଛି । ୧୮ ବର୍ଷୀୟ ସାରା ବାର୍ଦ୍ଧକ୍ୟଜନିତ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲା । ଗତ କିଛିଦିନ ହେବ ସେ ଠିକ୍ ଭାବରେ ଖାଦ୍ୟ ଗ୍ରହଣ କରୁ ନ ଥିଲା । ପ୍ରାଣୀ ଉଦ୍ୟାନରେ ଚିକିତ୍ସକ ଦଳ ଅସୁସ୍ଥ 'ଶାରା'ର ଚିକିତ୍ସା କରୁଥିଲେ । ୨୦୦୬ ମସିହାରେ ମଧ୍ୟପ୍ରଦେଶର ବାନ୍ଧବଗଡ଼ ବ୍ୟାଘ୍ର ଅଭୟାରଣ୍ୟରୁ ଶାରାକୁ ନନ୍ଦନକାନନ ପ୍ରାଣୀ ଉଦ୍ୟାନକୁ ଅଣାଯାଇଥିଲା । ଶାରାର ମୃତ୍ୟୁ ପରେ ନନ୍ଦନକାନନରେ ବାଘ ସଂଖ୍ୟା ୨୬କୁ ହ୍ରାସ ପାଇଛି ।

***Met. O.***

# ପାଣିପାଗ

ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟ ପ୍ରଭାବରେ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବର୍ଷା ହେବାର ସମ୍ଭାବନା ରହିଛି । ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଗଞ୍ଜାମ, କନ୍ଧମାଳ, ପୁରୀ ଓ ଖୋର୍ଦ୍ଧା

ଜିଲ୍ଲାରେ ଅତି ପ୍ରବଳ ବର୍ଷା ହେବା ନେଇ ଅନୁମାନ କରାଯାଇଛି । ସେହିଭଳି ଘଡ଼ଘଡ଼ି ସହ ବର୍ଷା ହେବା ନେଇ ୨୪ଟି ଜିଲ୍ଲାପାଇଁ ସତର୍କ ସୂଚନା ଜାରି କରାଯାଇଛି ।

*****